# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 16 December - 2024

### News Editor : Tapan Kumar Maharana

*********************************

## ମୁଖ୍ୟ ସମ୍ବାଦ

- ସମ୍ବିଧାନ ଗ୍ରହଣର ୭୫ ବର୍ଷ ପୂର୍ତ୍ତି ପାଳନ ଅବସରରେ ରାଜ୍ୟସଭାରେ ଆଜିଠୁ ଆରମ୍ଭ ହେଲା ଦୁଇ ଦିନିଆ ଆଲୋଚନା

– ଗୃହରେ ଆସନ୍ତାକାଲି ଉତ୍ତର ରଖିବେ ପ୍ରଧାନମନ୍ତ୍ରୀ

- ସୁଭଦ୍ରା ଯୋଜନାର ଯାଞ୍ଚ ପ୍ରକ୍ରିୟାରେ ସହଯୋଗ କରିବାକୁ ହିତାଧିକାରୀଙ୍କୁ ପରାମର୍ଶ ଉପମୁଖମନ୍ତ୍ରୀ ପ୍ରଭାତୀ ପରିଡ଼ା

- ୧୯୭୧ ମସିହାରେ ପାକିସ୍ତାନ ଉପରେ ଭାରତର ବିଜୟକୁ ସ୍ମରଣ କରି ଆଜି ଦେଶରେ ପାଳନ କରାଯାଉଛି ବିଜୟ ଦିବସ

ଏବଂ

- ଧନୁ ସଂକ୍ରାନ୍ତି ଅବସରରେ ପୁରୀ ଶ୍ରୀମନ୍ଦିରରେ ଆଜିଠୁ ଆରମ୍ଭ ହେଲା ଶ୍ରୀଜୀଉମାନଙ୍କର ବିଶେଷ ନୀତି ଓ ପହିଲି ଭୋଗ

## ରାଜ୍ୟସଭା– ସମ୍ବିଧାନ ୭୫ ବର୍ଷ ପୂର୍ତ୍ତି

ସମ୍ବିଧାନ ଗ୍ରହଣର ୭୫ ବର୍ଷ ପୂର୍ତ୍ତିପାଳ ଅବସରରେ ରାଜ୍ୟସଭାରେ ଆଜିଠାରୁ ଦୁଇଦିନିଆ ଆଲୋଚନା ଆରମ୍ଭ ହୋଇଛି । ଆଲୋଚନା ଆରମ୍ଭ କରି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସମ୍ବିଧାନ ସଭାର ସବୁ ସଦସ୍ୟଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ବିଶେଷ କରି ସଭାର ୧୫ ଜଣ ମହିଳା ସଦସ୍ୟଙ୍କର ଅବଦାନ ଉପରେ ଆଲୋକପାତ କରିଛନ୍ତି । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ବିଶ୍ୱର ୫୦ଟି ରାଷ୍ଟ୍ର ସ୍ୱାଧୀନତା ହାସଲ କରିଛନ୍ତି ଏବଂ ସେହି ସବୁ ରାଷ୍ଟ୍ରଗୁଡ଼ିକର ଲିଖିତ ସମ୍ବିଧାନ ରହିଛି । ଇତିମଧ୍ୟରେ ସେଥିମଧ୍ୟରୁ ବହୁ ରାଷ୍ଟ୍ର ସେମାନଙ୍କର ସମ୍ବିଧାନକୁ ଆମୂଳଚୂଳ ପରିବର୍ତ୍ତନ କରିଥିଲେ ମଧ୍ୟ ଭାରତୀୟ ସମ୍ବିଧାନ ଏବେ ମଧ୍ୟ ସମସ୍ତଙ୍କୁ ମାର୍ଗଦର୍ଶନ କରିଚାଲିଛି । ସମୟର ପରିବର୍ତ୍ତନ ସହ ସମ୍ବିଧାନ ନିଜର ମୌଳିକତା ହରାଇ ନାହିଁ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି । ବିଜେପି ନେତୃତ୍ୱାଧୀନ ଏନ୍.ଡି.ଏ ସରକାର ସମ୍ବିଧାନର ମୂଳତତ୍ତ୍ୱକୁ ବଜାୟ ରଖିବାରେ ପ୍ରତିଶ୍ରୁତିବଦ୍ଧ । ଏହି ଅବସରରେ ଅର୍ଥନୀତି ବିଗତ ୧୦ ବର୍ଷ ମଧ୍ୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଆଯାଇଥିବା ବହୁ କଲ୍ୟାଣକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ । ଏହି ଆଲୋଚନାରେ ବିରୋଧୀ ଦଳ ନେତା କଂଗ୍ରେସର ମଲ୍ଲିକାର୍ଜ୍ଜୁନ ଖଡ଼ଗେ ଅଂଶଗ୍ରହଣ କରିଛନ୍ତି । ରାଜ୍ୟସଭାରେ ଏ ସମ୍ପର୍କିତ ଆଲୋଚନା ଜାରି ରହିଛି । ଆସନ୍ତାକାଲି

ପ୍ରଧାନମନ୍ତ୍ରୀ ଏହି ଆଲୋଚନାର ଉତ୍ତର ଗୃହରେ ପ୍ରଦାନ କରିବାର କାର୍ଯ୍ୟସୂଚୀ ରହିଛି।

*HS*

## ମୁଖ୍ୟମନ୍ତ୍ରୀ- ଅଭିଯୋଗ ଶୁଣାଣି

ଭୁବନେଶ୍ୱର ୟୁନିଟ୍-୫ ସ୍ଥିତ ସରକାରୀ ବାସଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଗତ ଅକ୍ଟୋବର ୨୮ ତାରିଖ ପୂର୍ବରୁ ପଞ୍ଜୀକରଣ କରିଥିବା ଆବେଦନକାରୀ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କ ସହ ସାକ୍ଷାତ ଆଲୋଚନା କରୁଛନ୍ତି। ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ସହ ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଉପସ୍ଥିତ ଅଛନ୍ତି।

*HS*

## ସୁଭଦ୍ର ଯୋଜନା

ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି ପ୍ରଦାନକୁ ସରକାର ସ୍ଥଗିତ ରଖିଛନ୍ତି। ଆସନ୍ତା ୨୫ ତାରିଖରେ ଏହି କିସ୍ତି ଅର୍ଥ ପ୍ରଦାନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏ ସମ୍ପର୍କରେ ସୂଚନା ଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ସମ୍ପୂର୍ଣ୍ଣ ଯାଞ୍ଚ ପ୍ରକ୍ରିୟା ଶେଷ ହେବାପରେ ଏ ନେଇ ପଦକ୍ଷେପ ଗ୍ରହଣ କରାଯିବ। ଇ-କେଓ୍ୱାଇସି ଏବଂ ବାୟୋମେଟ୍ରିକ

ଜରିଆରେ ଯାଞ୍ଚ ପ୍ରକ୍ରିୟା ଚାଲିଛି ଏବଂ ଏହାକୁ ତ୍ୱରାନ୍ୱିତ କରିବା ପାଇଁ ହିତାଧିକାରୀ ସହଯୋଗ କରିବାକୁ ଉପମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହି ପର୍ଯ୍ୟାୟରେ ୨୦ ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ସୁଭଦ୍ରା ଟଙ୍କା ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ସେ କହିଛନ୍ତି,

**- V/O –**

***HS***

## ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା

ରାଜ୍ୟରେ ଚଳିତ ଆର୍ଥିକ ବର୍ଷରୁ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରିବା ନେଇ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି। ଏ ନେଇ କେନ୍ଦ୍ର ସରକାରଙ୍କ ସହ ଆଲୋଚନା ହେବା ସହ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଁଞ୍ଚିଛି ବୋଲି ସେ କହିଛନ୍ତି। ନିଶ୍ଚିତ ସ୍ୱାସ୍ଥ୍ୟ ସହାୟତା ପ୍ରଦାନ ଲକ୍ଷ୍ୟରେ ରାଜ୍ୟରେ ଏହି ଯୋଜନାକୁ ଲାଗୁ କରାଯିବ। ଦେଶରେ ୨୭ ହଜାର ମେଡିକାଲରେ ଏହି ଯୋଜନାର ହିତାଧିକାରୀ ଚିକିତ୍ସା ସୁବିଧା ପାଇପାରିବେ। ଏହାଦ୍ୱାରା ରାଜ୍ୟର ପ୍ରବାସୀ ଶ୍ରମିକ ବିଶେଷ ଲାଭବାନ ହେବେ ବୋଲି ସେ କହିଛନ୍ତି। ପୂର୍ବରୁ ରାଜ୍ୟ ଯୋଜନା ଅଧୀନରେ ୯୫୭ଟି ହସ୍ପିଟାଲରେ ଚିକିତ୍ସା ସୁବିଧା ମିଳିପାରୁଥିଲା ବୋଲି ସେ କହିଛନ୍ତି। ଏହି ଯୋଜନା ପାଇଁ ରାଜ୍ୟ ସରକାର ୩ ହଜାର ୫୦୦

କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା କରିଛନ୍ତି ବୋଲି ମନ୍ତ୍ରୀ ଡକ୍ଟର ମହାଲିଙ୍ଗ ସୂଚନା ଦେଇଛନ୍ତି ।

***Desk***

## ବିଜୟ ସ୍ମୃତିଚାରଣ

୧୯୭୧ ମସିହା ଯୁଦ୍ଧରେ ପାକିସ୍ତାନ ଉପରେ ଭାରତ ବିଜୟର ସ୍ମୃତିଚାରଣ ଅବସରରେ ଆଜି ଦେଶରେ ବିଜୟ ଦିବସ ପାଳନ କରାଯାଉଛି । ସେହି ବର୍ଷ ଡିସେମ୍ବର ୩ ତାରିଖରୁ ଆରମ୍ଭ ହୋଇଥିବା ଏହି ଯୁଦ୍ଧ ଦୀର୍ଘ ୧୩ ଦିନ ଯାଏଁ ଚାଲିଥିଲା । ଡିସେମ୍ବର ୧୬ ତାରିଖରେ ଭାରତ ଏହି ଯୁଦ୍ଧରେ ବିଜୟ ଲାଭ କରିଥିଲା । ପୂର୍ବ ପାକିସ୍ତାନ' ପାକିସ୍ତାନ କବଳରୁ ମୁକ୍ତ ହୋଇ ସ୍ୱାଧୀନ ବାଂଲାଦେଶ ରାଷ୍ଟ୍ର ଗଠିତ ହୋଇଥିଲା । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତୀୟ ଯବାନଙ୍କ ସାହସ, ସୌର୍ଯ୍ୟ ଏବଂ ସର୍ବୋଚ୍ଚ ବଳିଦାନକୁ ସ୍ମରଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତୀୟ ସୈନିକଙ୍କ ଅଦମ୍ୟ ଚେଷ୍ଟା ଏବଂ ସାହସ ଯୁଦ୍ଧକ୍ଷେତ୍ରରେ ପ୍ରତିଫଳିତ ହୋଇଥିଲା । ଯାହାର ପରିଣାମ ସ୍ୱରୂପ ଭାରତ' ପାକିସ୍ତାନ ଉପରେ ବିଜୟଲାଭ କରିଥିଲା । ସୈନିକଙ୍କର ଏହି ପ୍ରୟାସ ଦେଶର ପରବର୍ତ୍ତୀ ପିଢ଼ିକୁ ସର୍ବଦା ପ୍ରେରଣା ଯୋଗାଇ ଚାଲିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ରାଜ୍ୟପାଳ ରଘୁବର ଦାସ ୧୯୭୧ ମସିହା ଯୁଦ୍ଧରେ ସର୍ବୋଚ୍ଚ ବଳିଦାନ ଦେଇଥିବା ସୈନିକଙ୍କର ସାହସ ଏବଂ ନିଷ୍ଠାର ସ୍ମୃତିଚାରଣ କରିଛନ୍ତି।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଭାରତ ଇତିହାସରେ ଏକ ଅଦ୍ୱିତୀୟ ବିଜୟର ଅଧ୍ୟାୟ ଯୋଡ଼ିଥିବା ସେନାର ବୀର ଯବାନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ବିଜୟ ଭାରତୀୟ ସେନାର ଦୃଢ଼ ଇଚ୍ଛାଶକ୍ତି ଏବଂ ମାତୃଭୂମି ପ୍ରତି ଅତୁଟ ସମର୍ପଣର ପ୍ରମାଣ ଥିଲା ବୋଲି ସେ କହିଛନ୍ତି।

***Raygada***

## ରାଜସ୍ୱ ମନ୍ତ୍ରୀଙ୍କ ରାୟଗଡ଼ ଗସ୍ତ

ରାୟଗଡ଼ା ଜିଲ୍ଲାକୁ ଆଜି ଦିନିକିଆ ଗସ୍ତରେ ଯାଇ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁରେଶ ପୂଜାରୀ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ରାୟଗଡ଼ାରେ ପହଞ୍ଚିବା ପରେ ପ୍ରଥମେ ମା' ମଝିଘରିଆଣୀଙ୍କ ଦର୍ଶନ କରିଥିଲେ। ବୈଠକରେ ବିଭିନ୍ନ ବିଭାଗୀୟ ଯୋଜନାର କାର୍ଯ୍ୟକାରିତା ନେଇ ମନ୍ତ୍ରୀ ଶ୍ରୀ ପୂଜାରୀ ସମୀକ୍ଷା କରିଥିଲେ। ଏହି ବୈଠକରେ ବିଧାୟକ ଅପ୍ପଲସ୍ୱାମୀ କାଡ୍ରାକା, ନୀଳମାଧବ ହିକ୍କା, ସତ୍ୟଜିତ ଗମାଙ୍ଗଙ୍କ ସମେତ ଜିଲ୍ଲାପାଳ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ବିଭାଗୀୟ ପଦାଧିକାରୀ ଯୋଗ ଦେଇଥିଲେ।

*Malkangiri*

## ଧାନମଣ୍ଡି ଶୁଭାରମ୍ଭ

ମାଲକାନଗିରି ନିୟନ୍ତ୍ରିତ ବଜାର କମିଟି ପରିସରରେ ଆଜି ଜିଲ୍ଲାସ୍ତରୀୟ ଧାନମଣ୍ଡିର ଶୁଭାରମ୍ଭ ହୋଇଛି। ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏହାକୁ ଉଦଘାଟନ କରି କୁଇଣ୍ଟାଲ ପିଛା ୩ ହଜାର ୧୦୦ ଟଙ୍କା ପ୍ରଦାନ ସମ୍ପର୍କିତ ରାଜ୍ୟ ସରକାରଙ୍କ ପ୍ରତିଶ୍ରୁତିବଦ୍ଧତାକୁ ଦୋହରାଇଛନ୍ତି। ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କୁ ଅର୍ଥ ପ୍ରଦାନ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସାଂସଦ ବଳଭଦ୍ର ମାଝୀ, ବିଧାୟକ ନରସିଂହ ମାଡ଼କାମୀଙ୍କ ସମେତ ଜିଲ୍ଲାସ୍ତରୀୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

*HS*

## ଧନୁ ସଂକ୍ରାନ୍ତି

ସୂର୍ଯ୍ୟ ଆଜି ବିଛା ରାଶିରୁ ଧନୁ ରାଶିରେ ପ୍ରବେଶ କରିଛନ୍ତି। ଏହାକୁ ହିନ୍ଦୁ ପରମ୍ପରା ଅନୁଯାୟୀ, ଧନୁ ସଂକ୍ରାନ୍ତି ଭାବରେ ପାଳନ କରାଯାଉଛି। ଓଡ଼ିଆ ଚଳଣିରେ ଧନୁସଂକ୍ରାନ୍ତିର ବିଶେଷ ଗୁରୁତ୍ୱ ରହିଛି। ପୁରୀ ଶ୍ରୀମନ୍ଦିରରେ ଆଜିଠାରୁ ଏଥିପାଇଁ ଠାକୁରଙ୍କର ବିଶେଷ ନୀତି ଅନୁଷ୍ଠିତ ହେବା ସହ ଠାକୁରଙ୍କଠାରେ ପହିଲି ଭୋଗ ଲାଗି ହୋଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମୁଖ୍ୟମନ୍ତ୍ରୀ ସମସ୍ତ ସୁଖ ସମୃଦ୍ଧି କାମନା କରିଛନ୍ତି।

***Naygada***

## ଧନୁଯାତ୍ରା

ଧନୁସଂକ୍ରାନ୍ତି ଅବସରରେ ନୟାଗଡ଼ ଜିଲ୍ଲା ଭାପୁର ବ୍ଲକର ଧାନଚେଙ୍ଗଡ଼ା ଏବଂ କାଳିଆପଲ୍ଲୀ ଗ୍ରାମରେ ଆଜି ଧନୁଯାତ୍ରା ଅନୁଷ୍ଠିତ ହୋଇଛି। ପ୍ରଭୁ ନୀଳମାଧବଙ୍କର ଆଦ୍ୟପୂଜକ ଶବରରାଜା ବିଶ୍ୱାବସୁଙ୍କ ଗଡ଼ ବୋଲି କୁହାଯାଉଥିବା ଧାନଚେଙ୍ଗଡ଼ା ଗ୍ରାମର ଧାଗେଡ଼ି ପାହାଡ଼ଚୂଡ଼ାରେ ପ୍ରସିଦ୍ଧ ଲଳିତ ମାଧବ ପୀଠରେ ଆଜି ଏହି ଯାତ୍ରା ଅନୁଷ୍ଠିତ ହୋଇଛି। ଧନୁଯାତ୍ରା ସହିତ ସାଂସ୍କୃତି କାର୍ଯ୍ୟକ୍ରମକୁ ଉପଭୋଗ କରିବା ପାଇଁ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କର ସେଠାରେ ସମାଗମ ହୋଇଛି। ସେହିଭଳି ଆଦିବାସୀ ଅଧ୍ୟୁଷିତ ଗ୍ରାମ କାଳିଆପଲ୍ଲୀରେ ପାରମ୍ପରିକ ରୀତିନୀତି ଅନୁଯାୟୀ, ଧନୁଯାତ୍ରା ଅନୁଷ୍ଠିତ ହୋଇଛି। ବିଶ୍ୱାବସୁଙ୍କ କନ୍ୟା ଲଳିତାଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଧନୁସର ଏବଂ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ପୂଜା କରାଯିବା ପରେ ହୋମ ଯଜ୍ଞ ଅନୁଷ୍ଠିତ ହୋଇଛି।

***BHK***

## ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ

ଭଦ୍ରକ ଜିଲ୍ଲା ରାଣୀତାଲ କୃଷି ବିଜ୍ଞାନ କେନ୍ଦ୍ରରେ ୨୧ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଚଳିତ ଏବଂ

ଆସନ୍ତା ଆର୍ଥିକ ବର୍ଷ ପାଇଁ ଧାଡ଼ି ପ୍ରଣାଳୀରେ ଧାନଚାଷ, ବିରି ଏବଂ ପନିପରିବା ଚାଷ ନେଇ ଆଲୋଚନା ହୋଇଛି । ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର– ଓୟୁଏଟିର ସମ୍ପ୍ରସାରଣ ଯୁଗ୍ମ ନିର୍ଦ୍ଦେଶକ ଅମରେଶ୍ୱର ଖୁଣ୍ଟିଆ, ରାଣୀତାଲ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡକ୍ଟର ସଞ୍ଜୟ ମହାନ୍ତି, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଜଗଦୀଶ ବେହେରା ପ୍ରମୁଖ ଏହି ବୈଠକରେ ଯୋଗଦେଇ ଅଧିକ ଅମଳକ୍ଷମ ଚାଷ ଏବଂ ଚାଷୀଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ହେବା ସମ୍ପର୍କିତ ପ୍ରଶଂଙ୍ଗ ଉପରେ ମତବିନିମୟ କରିଥିଲେ ।

***Raygada***

## ହାତୀଦାନ୍ତ ଜବତ

ରାୟଗଡ଼ା ଜିଲ୍ଲାରେ ବନ ବିଭାଗ ଦ୍ୱାରା ତଦନ୍ତ ବେଳେ ଦୁଇଟି ହାତୀ ଦାନ୍ତ ଏବଂ ବାଘ ଚମଡ଼ା ଜବତ କରାଯାଇଛି । ପାତ୍ରଗୁଡ଼ା ନିକଟରୁ ଦୁଇଟି ହାତୀ ଦାନ୍ତ ଜବତ ହେବା ସହ ମୁନିଗୁଡ଼ା ବନବିଭାଗ ୫ ଜଣଙ୍କୁ ଗିରଫ କରିଛି । ସେହିଭଳି ରାୟଗଡ଼ା ସହରରୁ ଦୁଇଟି ବାଘ ଚମଡ଼ା ଜବତ କରାଯିବା ସହ ଜଣଙ୍କୁ ଗିରଫ କରାଯାଇଛି । ତେବେ ବନବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ହାତୀ ଦାନ୍ତ ଜବତ କରି ଫେରୁଥିବାବେଳେ ବନବିଭାଗ ଗାଡ଼ି ଉପରକୁ ଗୁଳିମାଡ଼ ହୋଇଥିଲା । ତେବେ ଏଥିରେ କେହି ମୃତାହତ ହୋଇ ନ ଥିବା ଜଣାପଡ଼ିଛି । ଗୁଳିମାଡ଼ ଘଟଣାର ତଦନ୍ତ ମୁନିଗୁଡ଼ା ପୁଲିସ ଆରମ୍ଭ କରିଥିବା ବନବିଭାଗ ସୂଚନା ଦେଇଛି ।

# ପାଣିପାଗ

ରାଜ୍ୟରେ ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ସର୍ବନିମ୍ନ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ଲକ୍ଷ୍ୟ କରାଯିବ ନାହିଁ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି । ଏହି ସମୟ ମଧ୍ୟରେ ରାଜ୍ୟର କେତେକ ଅଞ୍ଚଳରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଅନୁଭୂତ ହେବ । ଆସନ୍ତା ୩ରୁ ୪ ଦିନ ମଧ୍ୟରେ ସର୍ବନିମ୍ନ ତାପମାତ୍ରା କ୍ରମଶଃ ବୃଦ୍ଧି ପାଇବ ବୋଲି ପାଣିପାଗ କେନ୍ଦ୍ର କହିଛି ।

*******************************